ଶନିବାର, ୨୧ ଡିସେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 51 Years



# ଖିଲି ଖିଲି ହସ

ଦିନେ ରାମୁ ଘରକୁ ଫେରିଲା ପରେ ବାପା କହିଲେ-କେଉଁଠି ଥିଲୁ ? ରାମୁ -ସାଙ୍ଗ ଘରେ ଥିଲି। ରାମୁ ସାମ୍ନାରେ ବାପା ତା'ର ଦଶଜଣ ସାଙ୍ଗଙ୍କୁ ଫୋନ୍ କଲେ। ୪ ନମ୍ବର ସାଙ୍ଗ କହିଲା-ହଁ , ଅଙ୍କଲ ରାମୁ ଏଇଠି ଅଛି। ୭ ନମ୍ବର ସାଙ୍ଗ କହିଲା-ଏବେ ଗଲା। ତିନି ନମ୍ବର ସାଙ୍ଗ କହିଲା- ଏଇଠି ପାଠ ପଢୁଛି, ଫୋନ୍ ଦେବି କି ? ଏକ ନମ୍ବର ସାଙ୍ଗ କହିଲା- କୁହ ବାପା କ'ଣ ହେଲା। ଏତକ ବାପା ଶୁଣିଲା ପରେ ବାପାଙ୍କର ଗୋଟିଏ ବି ମାଡ଼ ତଳେ ପଡିନି।

-ଗୋଟେ କମ୍ପାନୀର ମ୍ୟାନେଜର ଅତି ନମ୍ର ସ୍ୱରରେ ତାଙ୍କର ଏକ କର୍ମଚାରୀକୁ କହିଲେ- କ୍ଷମା କରିବ ଚନ୍ଦନ,ମୁଁ ତୁମକୁ ଶୋଇବା ସମୟରେ ଜମା ବି ଉଠାଇ ନ ଥାନ୍ତି, ଯଦି ଏ କଥାଟା ଏତେ ଗୁରୁତ୍ୱ ହୋଇ ନ ଥାନ୍ତା। ତୁମକୁ ଆଜିଠାରୁ ଚାକିରିରୁ ବରଖାସ୍ତ କରାଗଲା।

ମଣ୍ଟୁ : ଚିଣ୍ଟୁ ଚଳଦି ଉଠ ଭୂମିକମ୍ପ ଆସିଲାଣି। ସବୁ ଘର ହଲୁଛି।
ଚିଣ୍ଟୁ- ମଣ୍ଟୁ ଚୁପଚାପ୍ ଯା' ଶୋଇପଡ଼, ଘର ଯଦି ଭାଙ୍ଗିବ ଆମର କ'ଣ ଯିବ ! ଆମେ ତ ଭଡ଼ାଟିଆ।

# ନୀଳ କ୍ରିସ୍‌ମାସ୍

ଡିସେମ୍ବର ୨୧ ତାରିଖର ରାତି ଖୁବ୍ ଲମ୍ବା। ଏହିଦିନ ପାଶ୍ଚାତ୍ୟ ଖ୍ରୀଷ୍ଟିଆନମାନେ ନୀଳ କ୍ରିସ୍‌ମସ୍ ପାଳନ କରନ୍ତି। ଅବସାଦ ବା କୌଣସି କାରଣରୁ ବିଷାଦଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କ ମନରେ ଖୁସି ଭରିଦେବାକୁ ଏହିଦିନ ପାଳନ କରାଯାଏ ବୋଲି କୁନା ପାଠାଗାର ବହିରୁ ପଢ଼ି ଜାଣିଥିଲା। କୁନା ଏହି କଥା ତା'ର ସାଙ୍ଗ ମୁନାକୁ ଆସି କହିଲା। ମୁନାର ମନ ସବୁବେଳେ ବିଷାଦରେ ଭରି ରହିଥାଏ। କାରଣ ପିଲାଟିଦିନରୁ ମୁନାର ମାଆ ତାକୁ ଛାଡ଼ି ଚାଲିଯାଇଛନ୍ତି। ସେଦିନ କୁନା ମଧ୍ୟ ବହୁତ କରି ମୁନାକୁ ବୁଝାଇଲା। କହିଲା ତୁ ଜମାରୁ ମନଦୁଃଖ କରନା। ଯାହା ଆମ ହାତରେ ନାହିଁ ତାକୁ ନେଇ ତୁ ସବୁବେଳେ ଭାବିଲେ ତୋର ଦେହ ଖରାପ ହେବ। ତୋର ମାଆ କେବେ ଏକଥା ଚାହିଁବେନି। କାରଣ ମାଆ ଚାହାନ୍ତି ତାଙ୍କ ପିଲାମାନେ ସୁସ୍ଥରେ ଓ ଖୁସିରେ ରୁହନ୍ତୁ। ସବୁ ଶୁଣି ମୁନା ଘରକୁ ଫେରିଲା।

ସେଦିନ ଥାଏ ଡିସେମ୍ବର ୨୧ ତାରିଖ। ରାତିରେ ମୁନା ଯାଇ ତା'ର ଶେଯରେ ଶୋଇପଡ଼ିଲା। ତା'ପରଦିନ ସକାଳୁ ଉଠି ହସହସ ମୁହଁରେ ଧାଇଁଲା କୁନା ପାଖକୁ। କୁନା ସେଦିନ ମୁନାକୁ ଦେଖି ଆଶ୍ଚର୍ଯ୍ୟ। ଆଜି କ'ଣ ହୋଇଛି ସବୁଦିନ ମୁହଁ ଶୁଖାଉଥିବା ମୁନା ଆଜି କ'ଣ ହସୁଛି। କାରଣ କ'ଣ ? ଜାଣିବା ପାଇଁ କୁନା କୌତୂହଳ ହୋଇ ତାକୁ ପଚାରିଲା। ମୁନା କହିଲା ବୁଝିଲୁ ସାଙ୍ଗ। ତୁ ମୋତେ ଯାହା ନୀଳ କ୍ରିସ୍‌ମସ୍ କଥା କହୁଥିଲୁ ତାହା ସତକଥା। ସେଦିନ ରାତିରେ ମୁଁ ଆକାଶକୁ ଚାହିଁଥାଏ। ହଠାତ୍ ଏକ ନୀଳ ତାରା ହସିହସି ମୋ ପାଖକୁ ମାଡ଼ି ଆସିଲା। ଯେତେ ନିକଟତର ହେଉଥାଏ ତାହା ସେତେ ଉଜ୍ଜ୍ୱଳ ଦେଖାଯାଉଥାଏ। ବାସ୍ତବରେ ତାହା ନୀଳ ତାରା ନ ଥିଲା। ନୀଳ ଜାମା ପିନ୍ଧି ସାଣ୍ଟାକ୍ଲଜ ନୀଳ ସ୍ଲେଜ ଗାଡ଼ିରେ ବସି ନୀଳ ହରିଣମାନଙ୍କ ସହିତ ଆସୁଥିଲେ। ଗାଡ଼ିଟି ଆସି ମୋ ଶେଯ ପାଖରେ ରହିଲା। ମୋ ମାଆ ସେହି ଗାଡ଼ିରେ ବସି ମୋ ପାଖକୁ ଆସିଥିଲେ। ମୋର ମୁଣ୍ଡ ଆଉଁଷି ଦେଲେ। ମୋ ମଥାରେ ଚୁମ୍ବନ ଦେଇ କହିଲେ ପୁଅ ତୁ ଏତେ ଅଧୈର୍ଯ୍ୟ, ମନଦୁଃଖ କାହିଁ କରୁଛୁ ? ମୁଁ ଯେତିକି ଦିନ ପାଇଁ ଧରିତ୍ରୀରେ ରହିବାର ଥିଲା ରହିଲି। ଏ ସମୟ ତୋ ପାଇଁ ଈଶ୍ୱରଙ୍କ ଏକ ପରୀକ୍ଷା। ଏହାକୁ ତୁ ସଫଳତାର ସହିତ ଉନ୍ନୀତ ହେବା ଉଚିତ। ଯେତେ ବଡ ବିପଦ ଆସୁ ତାକୁ ସାମ୍ନା କରିବାର ସାହସ ରଖି ଆଗକୁ ବଢ଼ିବା ହେଉଛି ସଫଳତା। ମୋ ପୁଅ ଏତେ ଦୁର୍ବଳମନା ବୋଲି ମୁଁ ସହ୍ୟ କରିପାରିବି ନାହିଁ। ହଠାତ୍ ମୁନାର ନିଦ ଭାଙ୍ଗିଗଲା। ସେ ବଡ ପାଟିରେ ଚିତ୍କାର କରୁଥାଏ ନା ମାଆ ମୁଁ ଦୁର୍ବଳମନା ନୁହେଁ। ମୁଁ ତୁମ କଥା ମାନିବି। ମୁନା ଦେଖିଲା ତା' ପାଖରେ ନୀଳଜାମା ପିନ୍ଧି ତା' ବାପା ସାଣ୍ଟାକ୍ଲଜ୍ ବେଶରେ ଠିଆ ହୋଇଥିଲେ। ହାତରେ ତାଙ୍କର ମୁନା ପାଇଁ ଗିଫ୍ଟଟିଏ ଥିଲା। ଖୋଲି ଦେଖିଲା, ତା'ର ମାଆ ହସୁଥିବା ଫଟୋଚିତ୍ର। ମାଆ ହସୁଥିଲେ। ସେଦିନଠାରୁ ମୁନା ମୁହଁରୁ ବିଷାଦ କେଉଁଆଡ଼େ ଚାଲିଗଲା। ମୁନା ଖୁସି ମନରେ ସବୁ କାର୍ଯ୍ୟ କରି ସଫଳତା ପାଇଲା।

ଗପ



**- ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

# ଗୁଜୁରାତି

ସାଧାରଣତଃ ଗୁଜୁରାତିକୁ ମୁଖବାସ କିମ୍ବା ମସଲାଭାବେ ଗ୍ରହଣ କରାଯାଏ। କିନ୍ତୁ ଏହାର ଅନେକ ଫାଇଦା ରହିଛି। ଜାଣନ୍ତୁ ସେସମ୍ପର୍କରେ...


- ପେଟ ପାଇଁ ଗୁଜୁରାତି ବହୁତ ଭଲ। କାରଣ ଏହା ଗ୍ୟାସ୍, ବଦହଜମି ଭଳି ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେଇଥାଏ।
- ଗୁଜୁରାତି ଖାଇବା ଫଳରେ ୟୁରିନ୍ ଫ୍ଲୋ ଅଧିକ ହୋଇଥାଏ। ଫଳରେ ଶରୀରରୁ ଅଧିକ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। ତେଣୁ କିଡ୍‌ନୀର କାର୍ଯ୍ୟକ୍ଷମତା ବଢ଼ିଥାଏ ଓ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ।
- ଗୁଜୁରାତିକୁ ସାଧାରଣତଃ ମାଉଥ୍ ଫ୍ରେଶନର୍ ଭାବେ ବ୍ୟବହାର କରାଯାଏ। ଏହାକୁ ଚୋବାଇ ଖାଇଲେ ପ୍ରାକୃତିକଭାବେ ପାଟିର ଦୁର୍ଗନ୍ଧ ଦୂର ହୋଇଥାଏ। ତେଣୁ ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ ଓ ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ସହଜ ହୋଇଥାଏ।
- ପ୍ରତିଦିନ ଗୁଜୁରାତି ଖାଇଲେ ମାନସିକ ସ୍ୱାସ୍ଥ୍ୟ ବି ଭଲ ହୋଇଥାଏ। ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରିଥାଏ ଓ ମୁଡ୍ ଭଲ ରଖେ।
- ଗୁଜୁରାତିକୁ ପ୍ରତିଦିନ ଖାଇବା ଫଳରେ ରକ୍ତ ଚାପର ସ୍ତର ଉପରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ହାର୍ଟ ଆଟାକ୍‌ର ଆଶଙ୍କା ମଧ୍ୟ ଅନେକାଂଶରେ କମ୍ ହୋଇଯାଏ।



# ହାତୀ ବାଘ ହରିଣ

ତୁମ ପାଇଁ ଛିଡ଼ା

ଶିଶୁ ଗଳ୍ପ ସଂକଳନ 'ହାତୀ ବାଘ ହରିଣ'ରେ ଲାଖ ବିନ୍ଧା, ଦୀପାବଳି, ଧୋବାର ଗଧ, ପରୋପକାର, ଶୀତସକାଳ ଏବଂ ଭଲମନ୍ଦ ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ। ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ରଚିତ ଏହି ସଂକଳନର ମୂଲ୍ୟ ୮୦ଟଙ୍କା। ଯୋଗାଯୋଗ- ନିଜିଗଡ଼ କୁରୁଣ୍ଟି, ହରିରାଜପୁର, ଜଟଣୀ, ପୁରୀ।




# ମତାମତ

- ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ଦାମୀ କାର୍ ଏବଂ ଗଭୀରତମ ନଦୀ ବିଷୟରେ କିଛି ଜାଣିବାକୁ ପାଇଲି।
  -ତୁଷାର ମହାନ୍ତି,ମାଲକାନଗିରି
- ଏଥର କବିତାରେ ସମସ୍ତ କବିତା ମନଛୁଆଁ ହେବା ସହ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଥିବା ପୋକେମନ କାର୍ଡ ସଂଗ୍ରହକାରୀଙ୍କ ବିଷୟରେ ପଢ଼ି ଖୁସି ଲାଗିଲା।
  -ମାନସ ରଞ୍ଜନ ବେହେରା, ନୟାଗଡ଼
- ଗଳ୍ପରେ ଚଗଲା ହେଲା ସୁନାପିଲା ଗଳ୍ପଟି ନିଶ୍ଚିତ ରୂପରେ ଶିକ୍ଷଣୀୟ ହୋଇଛି।
  -ରୀତାଞ୍ଜଳୀ ସାହୁ, ଖଣ୍ଡଗିରି, ଭୁବନେଶ୍ୱର


ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ଖୁସି ବାଣ୍ଟିବାର ଏକ ସୁନ୍ଦର ଅବସର ଆଣିଥାଏ କ୍ରିସ୍‌ମସ୍‌। ଏହାକୁ ବି କୁହାଯାଏ ବଡ଼ଦିନ। ସ୍କୁଲ ବି ଛୁଟି। ସେଥିପାଇଁ ପିଲାଙ୍କର ପ୍ଲାନିଂ ସରିଛି। ମନଖୁସିରେ ଏହି ଦିନଟିକୁ ମଜାମସ୍ତିରେ କଟେଇବାପାଇଁ ସେମାନଙ୍କ ମନରେ ରହିଛି ସ୍ୱତନ୍ତ୍ର ଉତ୍ସାହ।

# କ୍ରିସ୍‌ମସ୍‌

ଯୀଶୁଙ୍କ ଜନ୍ମଦିନକୁ ସବୁଆଡ଼େ କ୍ରିସ୍‌ମସ୍‌ ବା ବଡ଼ଦିନ ଭାବେ ପାଳନ କରାଯାଏ। ତେବେ ଏହି ଦିନଟିକୁ ପାଳନ କରିବା ପାଇଁ ପିଲାମାନେ ବେଶି ଉତ୍ସାହିତ ଥାନ୍ତି। ବଡଦିନରେ ଘର ସଜାଇବା, କ୍ରିସ୍‌ମସ୍‌ ଟ୍ରି ଆଣି ଘରେ ରଖିବା, କେକ୍‌, ଚକୋଲେଟ୍‌ ଆଦି ଖାଇବା ଏବଂ ସବୁଠୁ ବଡ଼ କଥା ହେଉଛି ସାଣ୍ଟାକ୍ଲଜର ଗିଫ୍ଟ। ଛୋଟ ପିଲା ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ଗିଫ୍ଟ ଆଣିଦେବା ହିଁ ଏହି ଦିନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ। ଏହା ବ୍ୟତୀତ ନୂଆ ଡ୍ରେସ୍‌ ପିନ୍ଧି ବୁଲାବୁଲି କରିବା କିମ୍ବା ପାର୍ଟି କରିବା ସହ ବିଭିନ୍ନ ପ୍ରକାର ମଜାମସ୍ତି ପାଇଁ ଯୋଜନା କରିଥାନ୍ତି ପିଲାମାନେ।

## ଏମାନେ କ'ଣ କରନ୍ତି

### ବହି ଓ ଚାରା ବାଣ୍ଟିବି



ଏଥର ବଡ଼ଦିନରେ ସାଙ୍ଗମାନଙ୍କୁ ବିଭିନ୍ନ ପ୍ରକାର ବହି ଓ ଛୋଟ ଚାରା ଗଛ ଉପହାର ଦେବି ବୋଲି ସ୍ଥିର କରିଛି। ଏଥିପାଇଁ କେବେଠୁ ବାଡିରେ ମଞ୍ଜି ପକାଇ ତୁଳସୀ, ମଲ୍ଲୀ, ମନ୍ଦାର, ଆମ୍ବ ଆଦି ବିଭିନ୍ନ ପ୍ରକାରର ଚାରା ତିଆରି କରିଛି। ଘର ପାଖରେ ଥିବା ମୋ ସାଙ୍ଗ ସୋନୁ ସହିତ ମିଶି ଚାରା ସବୁକୁ ପଲିଥିନ୍‌ରେ ସଜାଇ ନେଇ ଯିବୁ। ପ୍ରତିବର୍ଷ ମୁଁ ଏଭଳି ଗିଫ୍ଟ ବାଣ୍ଟିଥାଏ। ଏଥର ଏହି କାମ ଶୀଘ୍ର ସାରି ଘରକୁ ଫେରି ଆସିବି। କାହିଁକିନା ସନ୍ଧ୍ୟାବେଳେ ପାଠ ପଢିବି। ଆସନ୍ତା ବର୍ଷ ବୋର୍ଡ ପରୀକ୍ଷା ଥିବାରୁ ଅଧିକ ସମୟ ପାଠପଢାରେ ଫୋକସ୍‌ କରିବାକୁ ହେଉଛି।

**–ଦେବାଶିଷ ଲେଙ୍କା,** କ୍ଲାସ–୯,
ସରସ୍ୱତୀ ବିଦ୍ୟାମନ୍ଦିର, କେଶବଧାମ, କଟକ

### ଘରେ ସମସ୍ତେ ଏକାଠି ଖାଇବୁ



କ୍ରିସ୍‌ମସ୍‌ରେ ଘର ସୁନ୍ଦରଭାବେ ସଜାଇବା ପାଇଁ ମୋତେ ବହୁତ ଭଲ ଲାଗେ। ମାମା ଗୋଟେ ସୁନ୍ଦର କ୍ରିସ୍‌ମସ୍‌ ଟ୍ରି ଆଣିଛନ୍ତି। ତାକୁ ସୁନ୍ଦରଭାବେ ସଜାଇବା ପାଇଁ ସବୁ ଜିନିଷ ଆଣିଛି। ତା'ଛଡା ଘରେ ଲିଟୁ ଲାଇଟ୍‌ ବି ଲଗାହେବ। ଆଉ ଦିନରେ ଘରପାଖରେ ଥିବା ସାଙ୍ଗମାନେ ଆମ ଘରକୁ ଆସିବେ। ମାମା ଆମ ସମସ୍ତଙ୍କ ପାଇଁ ରୋଷେଇ କରିବେ ଓ ଆମେ ସମସ୍ତେ ଏକାଠି ଖାଇବୁ। ତା' ପରେ ସନ୍ଧ୍ୟା ବେଳରୁ ପାଠ ପଢା ହେବ। ପରୀକ୍ଷା ଆଉ ଅଳ୍ପ ଦିନ ଥିବାରୁ କେଉଁଠିକୁ ବୁଲାବୁଲି କରିବାକୁ ଯିବିନି। ସେଥିପାଇଁ ମାମା ଘରେ ଭୋଜି କରି ସମସ୍ତଙ୍କୁ ଖାଇବାକୁ ଡାକିଛନ୍ତି।

**–ସ୍ମିତିପ୍ରଜ୍ଞା ଲେଙ୍କା,** କ୍ଲାସ– ୧୦, ଓଡିଶା ଆଦର୍ଶ ବିଦ୍ୟାଳୟ,
ମାଧପୁର, ସୁକିନ୍ଦା, ଯାଜପୁର

### ନନ୍ଦନକାନନ ଯିବି



ବଡ଼ଦିନରେ ପିକ୍‌ନିକ୍‌ କରିବା ପାଇଁ ଆମର ବର୍ଷକ ଆଗରୁ ପ୍ରସ୍ତୁତି ହୋଇଥାଏ। ପ୍ରତିବର୍ଷ ଭଳି ଏଥର ବି ଆମେ ସମସ୍ତେ ବୁଲିବାକୁ ଯିବୁ। ଏବର୍ଷ ମାମୁ ମାଇଁଙ୍କ ସହ ସିପୁନ ଭାଇ ବି ଆସିବ। ସମସ୍ତେ ଏକାଠି ନନ୍ଦନକାନନ ଯିବୁ। ସେଠାରୁ ଫେରିବା ପରେ ରାତିରେ ଛାତ ଉପରେ ଭୋଜି ହେବ ବୋଲି ବାବା କହିଛନ୍ତି। ଘରକୁ ବହୁତ ଲୋକ ଆସିବେ। ଛାତ ଉପରେ ଖିଆପିଆ, ନାଚଗୀତ ଆଦି ହେବ, ଖୁବ୍‌ ମଜା ଲାଗିବ।

**–ପ୍ରାଞ୍ଜଳ ନାୟକ,** କ୍ଲାସ– ୬, ଷ୍ଟିୱାର୍ଟ ସ୍କୁଲ, ୟୁନିଟ–୮, ଭୁବନେଶ୍ୱର

### କୋଣାର୍କ ଯିବୁ



ଏଥର ବଡ଼ଦିନରେ ଆମେ ସମସ୍ତେ ମଉସାଙ୍କ ଘରକୁ ଯିବୁ। ସମସ୍ତଙ୍କ ପାଇଁ ବଜାରରୁ ବାବାଙ୍କ ସହ ଯାଇ ଗିଫ୍ଟ କିଣି ଆଣିଛି। ବଡଦିନରେ ସ୍କୁଲ ଛୁଟିଥିବାରୁ ଏହି ଟାଇମ୍‌ରେ ପିକ୍‌ନିକ୍‌ କରିବାକୁ ଭଲଲାଗେ। ସେଥିପାଇଁ ସମସ୍ତେ ଏକାଠି ହୋଇ କୋଣାର୍କ ଯିବୁ। ସେଠି ରାତିରେ ରହି ତା' ପରଦିନ ପୁରୀ ଯାଇ ଫେରିବୁ। ବଡଦିନ ପରେ ଆଉ କୁଆଡେ ବୁଲିବାକୁ ଯିବି ନାହିଁ ବୋଲି ମାମା ତାଗିଦ କରିଛନ୍ତି। କାରଣ ଏହାପରେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ହେବ।

**–ସ୍ୱୟଂପ୍ରଭା ମହାନ୍ତି,** କ୍ଲାସ– ୯,
ରୟାଲ ଆବାସିକ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ଭଦ୍ରକ



### ପିଲାଙ୍କୁ ଗିଫ୍ଟ ଦେବି



କ୍ରିସ୍‌ମସ୍‌ ଦିନ ସାଣ୍ଟା ସମସ୍ତଙ୍କୁ ଲୁଚି ଲୁଚି ଗିଫ୍ଟ ଦେଇଥାଏ ବୋଲି ଶୁଣିଥିଲି। ସେଥିପାଇଁ ଛୋଟବେଳେ ସକାଳୁ ଉଠି ପ୍ରଥମେ ଗିଫ୍ଟ ଖୋଜୁଥିଲି। ଯେକୌଣସି ଗୋଟେ ଗିଫ୍ଟ ପାଇଲେ ମତେ ଭାରି ଖୁସି ଲାଗେ। ସେଇଥି ପାଇଁ ଏଥର ଆମ ଘରପାଖରେ ଥିବା ଏକ ଆଶ୍ରମ ସ୍କୁଲକୁ ଯାଇ ସବୁ ପିଲାଙ୍କୁ କିଛି ନା କିଛି ଗିଫ୍ଟ ଦେବି। ଗିଫ୍ଟ ପାଇଁ ପିଲାମାନେ ଖୁସିହେଲେ ଭଲ ଲାଗିବ। ଏଭଳି ଏକ ଚିନ୍ତାଧାରା ଥିବା ଜାଣି ବାବା ମାମା ବି ବହୁତ ଖୁସି ହୋଇ ମତେ ସବୁ ଜିନିଷ ଯୋଗାଇ ଦେବେ ବୋଲି କହିଛନ୍ତି। ତେଣୁ ଆମେ ସମସ୍ତେ ଏକାଠି ସ୍କୁଲରେ ସବୁ ପିଲାଙ୍କ ପାଇଁ ପ୍ୟାକିଂ ହୋଇଥିବା ଗିଫ୍ଟ ଓ ମିଠା ନେଇ ବାଣ୍ଟିବୁ।


**–ସୁଦୀପ୍ତା ସାହୁ,** କ୍ଲାସ– ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ରସୁଲଗଡ଼, ଭୁବନେଶ୍ୱର

### ଏଥର ପାଳିବି ନାହିଁ



ଏଥର ବଡଦିନରେ ଆଦୌ ବୁଲାବୁଲି କରିବି ନାହିଁ। କାହିଁକିନା ଆଉ ଅଳ୍ପଦିନ ପରେ ବୋର୍ଡ ପରୀକ୍ଷା। ସେଥିପାଇଁ ପ୍ରସ୍ତୁତି କରିବାକୁ ପଡୁଛି। ହେଲେ ପ୍ରତିବର୍ଷ ଭଳି ଘର ଲୋକେ ସମସ୍ତେ ଗାଁକୁ ଯିବେ ଓ ସେଠାରେ ସମସ୍ତେ ମିଶି ସ୍ୱତନ୍ତ୍ରଭାବେ ପାଳନ କରିବେ। ଏଠି ମୋ ପାଖରେ କେବଳ ମାମା ରହିବ। ଗାଁରେ ବଡଦିନ ଠାରୁ ନୂଆବର୍ଷ ଯାଏ ଲିଟୁ ଲାଇଟ୍‌ ଲଗାହୁଏ। ଗାଁରେ ଦାଦା, ଖୁଡି ସମସ୍ତଙ୍କ ସହିତ ଭୋଜିଭାତ ଓ ବୁଲାବୁଲି ହୁଏ। ହେଲେ ମୁଁ ଏଥର କୁଆଡେ ଯିବି ନାହିଁ। କାରଣ ପରୀକ୍ଷା ଆଉ ଅଳ୍ପ ଦିନ ଅଛି। ସେଥିପାଇଁ ଟିୟୁସନ୍‌ ସହିତ ରିଭିଜନ୍‌ କରିବାକୁ ପଡୁଛି। ମାମା ସହିତ ମୁଁ ଏଇଠି ରହିବି ଆଉ ସମସ୍ତେ ଗାଁକୁ ଯିବେ।

**–ଚନ୍ଦ୍ରଶେଖର ବାରିକ,** କ୍ଲାସ–୧୦,
ସରକାରୀ ହାଇସ୍କୁଲ, କୁସୁମାଟି, ଛଣଘର, ଖୋର୍ଦ୍ଧା




୧




୨



୩



୪



୫



୬




୭



୮



**ଜିସାନ୍ତ ପଟ୍ଟନାୟକ**
କ୍ଲାସ୍- ୧, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର
୧



**ସ୍ନେହାଞ୍ଜଳି ବେହେରା**
କ୍ଲାସ୍- ୭, ସରକାରୀ ବାଳିକା ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡ଼ା
୨



**ଆଇଶା ଶତପଥୀ**
କ୍ଲାସ୍- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୮, ଭୁବନେଶ୍ୱର
୩



**ସୁମିତ୍ରା ମଲ୍ଲିକ**
କ୍ଲାସ୍-୫, ଆରତୀ ଦେବୀ ମୂକ ବଧିର ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡ଼ା
୪



**ଆଦ୍ୟା ତ୍ରିପାଠୀ**
କ୍ଲାସ୍-୩, ସେଣ୍ଟ ଯୋଶେଫ ହାଇସ୍କୁଲ, ୟୁନିଟ୍-୯, ଭୁବନେଶ୍ୱର
୫



**ଦ୍ରିସ୍ନା ସାହୁ**
କ୍ଲାସ୍- ୪, ଆପିଜୀ ସ୍କୁଲ, ଭୁବନେଶ୍ୱର
୬




**ପ୍ରତୀକ ସ୍ୱାଇଁ**
କ୍ଲାସ୍- ୪, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର
୭



**କୁମାର ସ୍ଥିତପ୍ରଜ୍ଞ**
କ୍ଲାସ୍-୫, ମଦର୍ସ ପବ୍ଲିକ ସ୍କୁଲ, ପୁରୀ
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଚଳନ୍ତା ସାଇକେଲରେ ରୁବିକ୍ କ୍ୟୁବ୍



ସାଇକେଲ ଚଲାଉଥିବା ସମୟରେ ରୁବିକ୍ କ୍ୟୁବ୍ ସମାଧାନ କରିବା ହୁଏତ ଆମକୁ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏଭଳି ଏକ କାମକୁ ବେଶ୍ ସହଜରେ କରିପାରିଛନ୍ତି ସର୍ବଜ୍ଞ କୁଳଶ୍ରେଷ୍ଠ। ହରିୟାଣା ଗୁରୁଗ୍ରାମର କୁଳଶ୍ରେଷ୍ଠ ମାତ୍ର ୧୫ ବର୍ଷ ବୟସରେ ଏହି କାମ କରି ଦେଖାଇଛନ୍ତି। ସାଇକେଲ ଚଳାଇବା ସମୟରେ ମାତ୍ର ୧୨.୯୦ ସେକେଣ୍ଡରେ ସେ ରୁବିକ୍ କ୍ୟୁବ୍ ସମାଧାନ କରିପାରିଛନ୍ତି। ତେଣୁ ସାଇକେଲ ଚଲାଇବାବେଳେ ସବୁଠାରୁ କମ୍ ସମୟରେ ରୁବିକ୍ କ୍ୟୁବ୍ ସମାଧାନ କରିପାରିଥିବାରୁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏଭଳି କରିବା ପାଇଁ ସେ ଅନେକ ଦିନରୁ ଅଭ୍ୟାସ ଚଳାଇଥିଲେ। ଅନ୍ୟମାନେ କିଭଳି ଅତି ଶୀଘ୍ର ରୁବିକ୍ କ୍ୟୁବ୍ ସମାଧାନ କରି ଦିଅନ୍ତି ତାହା ଦେଖି ସେ ପ୍ରଥମେ ପ୍ରେରଣା ପାଇଥିଲେ ବୋଲି କହିଛନ୍ତି। ତେବେ ସର୍ବଜ୍ଞ ୨୦୨୨ରେ ଏହି ସଫଳତା ହାସଲ କରିଥିଲେ।

## ଏଥରର ?

- ଜୈନ ଧର୍ମର ପ୍ରଥମ ତୀର୍ଥଙ୍କର କିଏ ?
- ଚାଲୁକ୍ୟ ବଂଶର ପ୍ରତିଷ୍ଠାତା ?
- ପୋଲାଭରମ୍ ପ୍ରୋଜେକ୍ଟ କେଉଁ ରାଜ୍ୟରେ କରାଯାଇଛି ?
- 'ବାବା ବୁଦାନ ହିଲ୍ସ' ଲୁହା ଖଣି କେଉଁ ରାଜ୍ୟରେ ଅବସ୍ଥିତ ?
- ଭାରତ ଓ ମ୍ୟାନ୍‌ମାର ବନ୍ଧୁତ୍ୱ ରୋଡ୍ କେଉଁ ରାଜ୍ୟ ଦେଇ ଯାଇଛି ?

## ଗତଥରର ଉ ତ ର

- ସେସିମୋଗ୍ରାଫ୍
- ରବୀନ୍ଦ୍ରନାଥ ଟାଗୋର
- ନେତାଜୀ ସୁଭାଷ ବୋଷ
- ୧୦୧.୪ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା
- ତାମିଲନାଡୁର କୋଏମ୍ବାଟୁର



## କବିତା

### ନାମଟି ତା' ବଡ଼ଦିନ

ଡିସେମ୍ବର ମାସ ପଚିଶି ତାରିଖ
ଯିଶୁଙ୍କ ଜନମ ଦିନ
ସାରା ବିଶ୍ୱବାସୀ ପାଳିବେ ସରାଗେ
ନାମଟି ତା'ବଡ଼ଦିନ।
ଈସାଇ ଧର୍ମର ଏ ମହାନ୍ ପର୍ବ
ଖୁସି ଭରିଦିଏ ପ୍ରାଣେ
ସାରା ଗୀର୍ଜାଘର ଆଲୋକ ସଜାରେ
ସଭିଙ୍କ ମନକୁ କିଣେ।
ପ୍ରଭୁ ଯିଶୁ ଥିଲେ ଦେବତା ସମାନ
ବିଚାର ତାଙ୍କ ମହାନ୍
ସେବା ଦୟା କ୍ଷମା ପ୍ରେମର ପ୍ରତୀକ
କରୁଣାରେ ଅନୁପମ।
ତାଙ୍କ ନୀତି ବାଣୀ ଅତ୍ୟନ୍ତ ପବିତ୍ର
ସେବାକୁ ଦିଅଇ ମାନ
ସବୁ ଗୁଣଠାରୁ ସେବା ଗୁଣ ଶ୍ରେଷ୍ଠ
ସେବା ହିଁ ମାନବ ଧର୍ମ।
ଆସ ବଡ଼ଦିନେ ଶପଥ କରିବା
ମାନିବା ଯିଶୁଙ୍କ ନୀତି
ଦୁଃଖୀ ଦରିଦ୍ରଙ୍କୁ ସେବା କରି ଆମେ
ବାଣ୍ଟିବା ସହାନୁଭୂତି।

– ରାମଚନ୍ଦ୍ର ବେହେରା
ମୋ: ୭୩୫୬୭୩୪୩୪୬

### ବଡ଼ ଦିନ

ଡିସେମ୍ବର ମାସ ପଚିଶ ତାରିଖ
ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ
ବଡଦିନ ନାମେ ସବୁଠି ବିଖ୍ୟାତ
ଉତ୍ସାହରେ ହୁଏ ପାଳନ।
ସ୍ୱଚ୍ଛ ସୁନ୍ଦର ଯେ ଘର ଓ ଅଗଣା
ପୂର୍ବ ଦିନରୁ ହୋଇଥାଏ
ନୂଆ ଲୁଗା ପିନ୍ଧି ଆନନ୍ଦ ଉଲ୍ଲାସେ
ଶୁଭେଚ୍ଛା ବାର୍ତ୍ତା ଦିଆ ଯାଏ।
ମନଲୋଭା ଦୃଶ୍ୟ ଆଲୋକ ମାଳାରେ
ଗୀର୍ଜା ଘର ସୁସଜ୍ଜିତ
ଖ୍ରୀଷ୍ଟ ମାସ ବୃକ୍ଷ କେତେ ଯେ ସୁନ୍ଦର
ଖେଳଣା ଫୁଲ ଖଚିତ।
ଦୁଃଖ ଓ କଷ୍ଟରୁ ନିସ୍ତାର ପାଇଁକି
ଯିଶୁଙ୍କୁ କରନ୍ତି ସ୍ମରଣ
ଅତିଥି ମାନଙ୍କୁ ଉପହାର ଦେଇ
ମଣନ୍ତି ନିଜକୁ ଧନ୍ୟ।

– ଗୋପୀନାଥ ଦାଶ
ବରପାଲିପଡ଼ା, ବଲାଙ୍ଗୀର
ମୋ: ୬୩୭୧୮୦୫୦୭୦

### ବଡ଼ଦିନ ଛୁଟି

ଶୁଭ ଶଙ୍ଖ ବଜାଇ
ବଡ଼ ଦିନ ଆସଇ
ଯିଶୁଙ୍କ ଜନ୍ମତିଥିରେ
ସାରା ଧରା ହସଇ।
ଯିଶୁ ଥିଲେ ତ୍ରାଣକର୍ତ୍ତା
ସାରା ଧରା ଶୁଣିଥିଲା
ଶାନ୍ତି ପ୍ରେମର ବାର୍ତ୍ତା
ଦେଖାଇଥିଲେ ନୂଆ ରାସ୍ତା।
ପିଲାଙ୍କ ମଜା ଭାରି
କରିବେ ବଣଭୋଜି
ନୂଆ ଜାଗା ଯିବେ ବୁଲି
ହୃଦୟେ ରଖିବେ ସାଇତି।
ବଡ଼ଦିନ ଛୁଟିରେ
ବିତାଇବେ ସମୟ
ଲେଖିବେ କବିତା ଗଳ୍ପ
ପଢ଼ିବେ ପତ୍ରିକା ପୁସ୍ତକ।
ଶୀତ ଯିବ ସରି
ଦିନ ହେବ ବଡ଼
ସମୟ ଦେଖିବ
ଆମ କାରୁକାର୍ଯ୍ୟ।

– ଚିତ୍ତରଞ୍ଜନ ମହାନ୍ତି
ତଗିରା, ରାଣୀତାଳ, ଭଦ୍ରକ
ମୋ: ୯୪୩୮୬୭୦୧୫୦

### ଶୀତ ଆସିଛି

ସୁଲୁସୁଲୁ ବାଆ ଶୀତଳ ପରଶେ
ଶୀତ ଋତୁ ଆସିଛି
ସବୁଜ ଘାସରେ କାକରର ଟୋପା
ମୁକୁତା ପରି ଦିଶୁଛି।
ଘାସ ଗାଲିଚାରେ ମୁକୁତା ଓଢ଼ଣୀ
କେତେ ମନୋହର ଦିଶେ
ବାଡ଼ିରେ ଫଳଇ ନାନାଜାତି ଫୁଲ
ଦୂର ଆକାଶେ ଜହ୍ନ ହସେ।



ସକାଳ ସୁରୁଜ ମୁରୁଜ ବୁଣଇ
ସୁନ୍ଦର ଦିଶଇ ଧରା
ଥିରି ଥିରି ବହେ ଉତ୍ତରା ପବନ
ଚାରିଆଡେ ପଡ଼େ ସୁନାଖରା।
ସୁନା ରଙ୍ଗର ସେ ଧାନ କେଣ୍ଡା ଦେଖି
ଚଷାଭାଇ ଗାଏ ଗୀତ
ସୁରୁଜ କିରଣେ ସୁନ୍ଦର ଦିଶଇ
ସୋରିଷ ଫୁଲର କ୍ଷେତ।

– ରମାକାନ୍ତ ଦାସ
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯

## କହିଲ ଦେଖି

ସେ ପରା ଅଟଇ ଏମିତି ପର୍ବ
ଖ୍ରୀଷ୍ଟ ଧର୍ମ ପାଇଁ ଅଟଇ ଗର୍ବ
ଯିଶୁଙ୍କର ଇଏ ଜନମ ମାସ
ସେପାଇଁ ଖୁସିରେ ପାଳୁଛି ବିଶ୍ୱ
ଦିନଟିଏ କିନ୍ତୁ କୁହନ୍ତି ମାସ
କହିଦିଅ ନାମ ହୋଇ ହରଷ ?



ଉ– କ୍ରିସ୍‌ମସ୍

ଏମିତି ଗୋଟିଏ ଗଛଟି ସିଏ
ସୁନ୍ଦର ଭାବରେ ସଜେଇ ହୁଏ
ଏମିତି ବି ସିଏ ସୁନ୍ଦର ଦିଶେ
ଡିସେମ୍ବର ମାସେ ମୁରୁକି ହସେ
ବଡ଼ଦିନରେ ସେ ସଜ ହୁଅଇ
ତା' ନାମ କିଏ ସେ ପାରିବ କହି ।



ଉ– କ୍ରିସ୍‌ମସ୍ ଟ୍ରି

ନାଲିଆ ଟୋପିକୁ କାନ୍ଧରେ ମୁଣି
ଧବଳ ନିଶକୁ ସୁନ୍ଦର ଠାଣି
ଉପହାର ଯେତେ ସାଥିରେ ନେଇ
ବାଣ୍ଟୁଥାନ୍ତି କେତେ ଆନନ୍ଦ ହୋଇ
ପିଲାଙ୍କୁ ବାଣ୍ଟନ୍ତି ମିଠା ଆହାର
ହସି ଖେଳି ବିତେ ଦିନ ତାଙ୍କର
କ୍ରିସ୍‌ମସ୍ ଦିନ ଘରକୁ ଆସି
ପିଲାଙ୍କ ସାଥିରେ ହୁଅନ୍ତି ଖୁସି
ତାଙ୍କରି ରୂପକୁ ଦେଖିଛି ଯିଏ
ନାମ ତାଙ୍କ ନିଶ୍ଚେ କହିବ ସିଏ ?



ଉ– ସାଣ୍ଟାକ୍ଲଜ୍

ଚକ୍ଷୁହୀନଙ୍କୁ ଦେଲେ ସେ ଚକ୍ଷୁ
ଛୋଟାକୁ ଚାଲିବା ବଳ
ଶୂଳିରେ ଚଢି ଜୀବନ ଦେଲେ
ତଥାପି ସିଏ ଅମର
ମେରୀଙ୍କ ସନ୍ତାନ ଅଟନ୍ତି ସିଏ
ଖ୍ରୀଷ୍ଟଧର୍ମ ପ୍ରବର୍ତ୍ତକ
ପୃଥିବୀ ପୃଷ୍ଠକୁ ଆସିଥିଲେ ସିଏ
ଶକ୍ତିଶାଳୀ ସ୍ୱର୍ଗଦୂତ
ବଡ଼ଦିନ ଅଟେ ତାଙ୍କ ଜନ୍ମଦିନ
ପାଳୁଛି ଯାହାକୁ ବିଶ୍ୱ
ଜାଣିଥିଲେ ତାଙ୍କ ନାମଟି କୁହ
ମୁହେଁ ରଖି ଟିକେ ହସ ।




ଉ– ଯିଶୁଖ୍ରୀଷ୍ଟ

– ପ୍ରଶାନ୍ତ କୁମାର ନାଥ
ମୋ: ୮୩୧୦୩୨୮୩୪୫

# କେଉଁ ପାହାଡ଼ ଉପରେ ଚଢ଼ିବା ମନା


ପର୍ବତାରୋହଣ ଏକ ସହଜ କଥା ନୁହେଁ। ତେବେ ଏଭଳି କେତେକ ପର୍ବତ ରହିଛି, ଯାହାକୁ ଆରୋହଣ କରିବାକୁ ସରକାରଙ୍କ ଅନୁମତି ନେବାକୁ ପଡ଼ିଥାଏ। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ରହିଛି କୈଳାସ, କାଞ୍ଚନଜଙ୍ଘା ଏବଂ ପୁଏନ୍ସମ୍ ଆଦି ପର୍ବତ। ଜାଣନ୍ତୁ ସେ ସମ୍ପର୍କରେ...



୧



୩



୨



୪

## ୧ କୈଳାସ ପର୍ବତ

କୈଳାସ ପର୍ବତକୁ ହିନ୍ଦୁମାନଙ୍କ ବ୍ୟତୀତ ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନେ ପବିତ୍ର ସ୍ଥାନ ଭାବରେ ମାନିଥାଆନ୍ତି। ଏହି ପର୍ବତକୁ ଦେଖିବାଲାଗି ବହୁ ଦୂରରୁ ପ୍ରତିବର୍ଷ ତୀର୍ଥଯାତ୍ରୀମାନେ ଏଠାକୁ ଆସିଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଏଠାରେ ଚଢ଼ିବାକୁ ଅନୁମତି ମିଳି ନ ଥାଏ। କାହିଁକି ନା ଏହା ବହୁତ ଭୟଙ୍କର ବୋଲି କୁହାଯାଏ।

## ୨ ଗଙ୍ଗଖାର ପୁଏନ୍ସମ୍

ଭୁଟାନ୍‌ର ନିୟମ ଅନୁଯାୟୀ ,ଏଠାରେ କେହି ବି ୬୦୦୦ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପାହାଡରେ ଚଢ଼ି ପାରିବେନି। ଏଠାରେ ଉଚ୍ଚ ସ୍ଥାନକୁ ଚଢ଼ିବା ମନା। ଏହି ଦେଶରେ ଅବସ୍ଥିତ ଗଙ୍ଗଖାର ପୁଏନ୍ସମ ଯାହାର ଉଚ୍ଚତା ୭୫୦୦ମିଟରରୁ ଅଧିକ। ଏହା ବ୍ୟତୀତ ଏହି ପାହାଡ ସ୍ଥାନୀୟ ଲୋକଙ୍କ ପାଇଁ ମହତ୍ତ୍ୱ ରହିଛି। ଏସବୁ କାରଣରୁ ଏହି ପାହାଡକୁ ଚଢ଼ିବା ପାଇଁ ସରକାର କେତେକ ନୀତିନିୟମ ପ୍ରଣୟନ କରିଛନ୍ତି।

## ୩ କାଞ୍ଚନଜଙ୍ଘା

ସିକ୍କିମ୍‌ର ଲୋକମାନେ କାଞ୍ଚନଜଙ୍ଘା ପାହାଡକୁ ଦେବତାଙ୍କ ଆବାସ ବୋଲି ମାନନ୍ତି। ଏହି ଧାର୍ମିକ ବିଶ୍ୱାସକୁ ନେଇ ସିକ୍କିମ୍ ସରକାର ସିକ୍କିମ୍‌ରେ ଅବସ୍ଥିତ କାଞ୍ଚନଜଙ୍ଘା ପାହାଡଉପରକୁ ଯିବା ଲାଗି ପ୍ରତିବନ୍ଧକ ଲଗାଇ ଦେଇଛନ୍ତି। ଆଗରୁ ଏହି ପ୍ରତିବନ୍ଧକ ନଥିଲା ଏବେ କିନ୍ତୁ ଏହି ନିଷେଧାଦେଶ ଜାରି କରାଯାଇଛି।

## ୪ ମାଚ୍ଛାପୁଚ୍ଛରେ

ମାଚ୍ଛାପୁଚ୍ଛରେ ପାହାଡ ନେପାଳରେ ଅବସ୍ଥିତ । ଏହାକୁ ହିନ୍ଦୁମାନେ ପବିତ୍ର ସ୍ଥଳ ବୋଲି ମାନିଥାନ୍ତି। ଏହା ପଛରେ ତାଙ୍କର ଧାର୍ମିକ ବିଶ୍ୱାସ ରହିଛି। ଏହା ଭଗବାନ୍ ଶିବଙ୍କ ଘର ବୋଲି ମାନିଥାନ୍ତି। ଏହି ପାହାଡ ଉପରକୁ ଚଢ଼ିବା ଲାଗି ନେପାଳ ସରକାର ପ୍ରତିବନ୍ଧକ ଲଗାଇଛନ୍ତି।




# ଅଜବ ସଡ଼କ

ପିଲାଏ,ତୁମେ ତ ବିଭିନ୍ନ ସଡ଼କ ବିଷୟରେ ଅଳ୍ପ ବହୁତ ଜାଣିଥିବ। କିନ୍ତୁ ଏଠାରେ ଏପରି ଏକ ସଡ଼କ ବିଷୟରେ ସୂଚନା ଦିଆଯାଉଛି ଯେଉଁଠିକି ଲୋକମାନେ ଯିବାକୁ ଡରିଥାନ୍ତି। ଏହା ସହିତ ଏଠାକୁ କେହି ଏକୁଟିଆ ଯିବାକୁ ମଧ୍ୟ ଅନୁମତି ମିଳେନାହିଁ। ଏହି ସଡ଼କ ବିଷୟରେ ସୂଚନା ଦେଉଛୁ ଯେ,ତାହା ହେଉଛି ନରୱେସ୍ଥିତ ଇ-୬୯ହାଇୱେ। ଏହି ସଡକର ପଶ୍ଚିମ ୟୁରୋପର ଉତ୍ତରରେ ଅବସ୍ଥିତ ଏବଂ ଏହାର ଦୂରତ୍ୱ ୧୨୯ କିଲୋମିଟର। ଏହି ହାଇୱେଟି ନର୍ଥ କ୍ୟାମ୍ପ ପର୍ଯ୍ୟନ୍ତ ଯାଇଛି। ଏହି ସଡ଼କରେ ଯିବା ଲାଗି ପ୍ରତିବନ୍ଧକ ଅଛି କାରଣ ଏଠାକାର ପାଣିପାଗ ବହୁତ ଭୟଙ୍କର। ଏହି ରାସ୍ତାଟି ନର୍ଥ ପୋଲ୍‌ର ବହୁତ ନିକଟରେ ଥିବା ଯୋଗୁ ଶୀତଦିନରେ ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ବରଫାଚ୍ଛନ୍ନ ରହିଥାଏ। ଏହି କାରଣରୁ ମଧ୍ୟ ଏଠାରେ ଯାତ୍ରା କରିବା ଏତେଟା ସହଜ ହୋଇନଥାଏ। ଏହି ସଡ଼କରେ ଚାରିଆଡକୁ ଲକ୍ଷ୍ୟ କଲେ ଦେଖାଯାଏ କେବଳ ବରଫ ହିଁ ବରଫ। ଏହା ସହିତ ଏଠାରେ ସମୁଦ୍ରର ଭ୍ରମ ମଧ୍ୟ ସୃଷ୍ଟି ହୋଇଥାଏ। ଖରାଦିନେ ଏହି ସ୍ଥାନରେ ଅଧିକ ବର୍ଷା ହୋଇଥାଏ ଏବଂ ଶୀତଦିନରେ ପ୍ରବଳ ତୁଷାରପାତ ହୁଏ। ଯାହାଦ୍ୱାରା ଡ୍ରାଇଭିଂ କରିବା ଏତେଟା ସହଜ ହୋଇନଥାଏ। ଉକ୍ତ ସଡ଼କଟି ୧୯୯୯ରେ ନିର୍ମିତ ହୋଇଥିଲା।

# ଅଧିକ ଲୁଣ ଉତ୍ପାଦନ କରୁଥିବା ଦେଶ

**ଲୁ**ଣ ବିନା ଖାଦ୍ୟ ସ୍ୱାଦହୀନ । ଏହା ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ। କିନ୍ତୁ ପିଲାଏ ତୁମେ ଜାଣିଛ କି ଲୁଣ ଉତ୍ପାଦନ କେଉଁ ଦେଶରେ ଅଧିକ ହୋଇଥାଏ। ଆସନ୍ତୁ ଏବେ ଜାଣିବା କେଉଁ ଦେଶରେ ଲୁଣ ଅଧିକ ଉତ୍ପାଦନ କରାଯାଏ। ବିଶ୍ୱରେ କେତେକ ଦେଶ ଲୁଣ ଉତ୍ପାଦନ କରୁଛନ୍ତି ହେଲେ ପ୍ରମୁଖ ଦେଶ ମଧ୍ୟରେ ଚାଇନା ପ୍ରଥମେ ଆସିବ ଯିଏକି ବିଶ୍ୱରେ ଲୁଣ ଅଧିକ ଉତ୍ପାଦନ କରିଥାଏ। ଭାରତ ଲୁଣ ଉତ୍ପାଦନରେ ତୃତୀୟ ସ୍ଥାନରେ ଆସିଥାଏ। ଆମ ଦେଶର ଗୁଜରାଟରେ ଅଧିକ ଲୁଣ ଉତ୍ପାଦନ କରାଯାଏ। ତେବେ ଏହି ତାଲିକାରେ ପଞ୍ଚମ ସ୍ଥାନରେ ଅଛି ଜର୍ମାନୀ। ଏହାପରେ ଆମେରିକାର ନାମ ଆସିଥାଏ। ଏଠାରେ ଖଣିଜ ପଦାର୍ଥରୁ ଲୁଣ ଉତ୍ପାଦନ ହୁଏ। ଲୁଣ ଉତ୍ପାଦନ ପାଇଁ ବିଭିନ୍ନ ଉପାୟ ଆପଣାଯାଇଥାଏ। କିନ୍ତୁ ସବୁଠାରୁ ସାଧାରଣ ଉପାୟ ହେଲା- ସମୁଦ୍ର ପାଣିକୁ ବଡ ପୋଖରୀରେ ଜମା କରାଯାଇଥାଏ। ଯେତେବେଳେ ପାଣି ସମ୍ପୂର୍ଣ୍ଣ ବାଷ୍ପୀକରଣ ହୋଇଯାଏ ତା'ପରେ ସେଥିରୁ ଲୁଣ ଉତ୍ପାଦିତ ହୋଇଥାଏ।



# ଆ ଇ ନା

ରାଜେଶ୍ୱରୀ ମହାନ୍ତି
୪ ବର୍ଷ/ଭୁବନେଶ୍ୱର



ସଙ୍ଗୀତା ତରାଇ
୧୧ବର୍ଷ/କେନ୍ଦ୍ରାପଡା

